୧୬ ୬ ନଭେମ୍ବର ୨୦୧୭, ଭୁବନେଶ୍ୱର

SAMBAD
ସମ୍ବାଦ



ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ‘ଏକତା ପାଇଁ ଦୌଡ଼’

# ଆଇଆଇଟି ପକ୍ଷରୁ ଗଣଦୌଡ଼

କଟଣୀ,୫।୧୧(ନି.ପ୍ର): ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୨ତମ ଜନ୍ମ ଜୟନ୍ତୀ ଅବସରରେ ଆଇଆଇଟି, ଭୁବନେଶ୍ୱର ପକ୍ଷରୁ ଏକତା ପାଇଁ ଗଣଦୌଡ଼ ଆୟୋଜିତ ହୋଇଛି। ପ୍ରାରମ୍ଭରେ ଅରୁଗୁଳସ୍ଥିତ ଅନୁଷ୍ଠାନର ପ୍ରାଙ୍ଗଣରେ ଆଇଆଇଟି, ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ରେ ଅନୁଷ୍ଠାନର ୫୦୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ତଥା କର୍ମଚାରୀ ସାମିଲ୍ ହୋଇଥିଲେ। ପ୍ରଫେସର ଭି.ଆର ପିଡିରେଡ୍ଡୀ, ଡ. ଶଙ୍କର୍ଷଣ ମହାପାତ୍ର, ଦେବରାଜ ରଥ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

